# ତହସିଲ କାର୍ଯ୍ୟାଳୟ, ବରପାଲି, ଜି. ବରଗଡ଼

**ବିଜ୍ଞାପନ ସଂଖ୍ୟା. 2634 / ତା. 22/11/2022**

**(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବରପାଲି ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସ (ବରମକେଲା ବାଲିଘାଟ) OMMC (Amendment) Rules-2016 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଲିଜ୍ ପାଇଁ ଉଦ୍ଦିଷ୍ଟ ଥିବା ଖଣିଜ ଉତ୍ସର ବିଷଦ ବିବରଣୀ ଏକ ସଂଯୁକ୍ତ ଫର୍ଦ୍ଦ (Annexure-1) ରେ ପ୍ରଦାନ କରାଯାଇଛି । ଇଛୁକ ବ୍ୟକ୍ତିବିଶେଷ OMMC (Amendment) Rules-2016 ପରବର୍ତୀ ସଂଶୋଧନ ୨୦୧୭–୨୦୧୮ ଏବଂ ୨୦୨୨ ଅନୁଯାୟୀ ନିର୍ଦ୍ଧାରିତ (Form- M) ରେ 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିପାରିବେ, ଯାହାକି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୨୪.୧୧.୨୦୨୨ ରିଖରୁ ଆସନ୍ତା ତା.୧୩.୧୨.୨୦୨୨ ରିଖ ଅପରାହ୍ନ ୫ଘଟିକା ସୁଦ୍ଧା କେବଳ ରେଜିଷ୍ଟ୍ରି ଡାକ ମାଧ୍ୟମରେ ପଠାଇପାରିବେ ଏବଂ ଆସନ୍ତା ତା.୧୪.୧୨.୨୨ ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଅନ୍ୟାନ୍ୟ ମାଧ୍ୟମରେ ପଠାଯାଇଥିବା କୌଣସି ଦରଖାସ୍ତ ଗ୍ରହଣ କରାଯିବନାହିଁ । ଯେଉଁ ଉତ୍ସ ଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇନଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା.21.12.2022 ରିଖ ଓ ତା.28.12.2022 ରିଖ ମଧ୍ୟାହ୍ନ 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ 3.30 ଘଟିକା ସମୟରେ ପୂର୍ବମତେ ଟେଣ୍ଡର ବକ୍ସ ଖୋଲାଯିବ । ଏହାର ସବିଶେଷ ବିବରଣୀ ଜିଲ୍ଲା website (www.bargarh.nic.in) ରେ ଉପଲବ୍ଧ । ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଷଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ ଦେଖି ପାରିବେ ।

ତହସିଲଦାର, ବରପାଲି
22/11/2022

ଜ୍ଞାପକ ସଂଖ୍ୟା 2635 ତା. 22.11.2022

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବରପାଲି ନୋଟିସ ବୋର୍ଡରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ବରପାଲି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ବରପାଲି ତହସିଲ ଅନ୍ତର୍ଗତ ସମସ୍ତ ଗ୍ରା.ପ.ର ସରପଂଚଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବରପାଲି
22/11/2022

ଜ୍ଞାପକ ସଂଖ୍ୟା 2636 ତା. 22.11.2022

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ବରଗଡ / ଉପ-ଜିଲ୍ଲାପାଳ, ବରଗଡ ଓ ପଦ୍ମପୁରଙ୍କ ସଦୟ ଅବଗତି ସକାଶେ ପ୍ରେରଣ କରାଗଲା ।

ତହସିଲଦାର, ବରପାଲି
22/11/2022